# Passport Seva Divas 2020

June 24, 2020

---

## ପାସପୋର୍ଟ ସେବା ଦିବସ 2020

ଜୁନ୍ 24, 2020

ବିଦେଶ ମନ୍ତ୍ରଣାଳୟ (ଏମଇଏ) 24 ଜୁନ୍, 1967 କୁ ପାସପୋର୍ଟ ଅଧିନିୟମର ଲାଗୁର ଉପଲକ୍ଷ୍ୟରେ 24 ଜୁନ୍ 2020 ରେ ପାସପୋର୍ଟ ସେବା ଦିବସକୁ ପାଳନ କରିଛନ୍ତି। ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ବିଦେଶ ମନ୍ତ୍ରଣାଳୟ ଦ୍ବାରା ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ଯେଉଁଥିରେ ମାନନୀୟ ବିଦେଶ ମନ୍ତ୍ରୀ (ଇଏଏମ) ଡ. ଏସ୍. ଜୟଶଙ୍କର ଏବଂ ମାନନୀୟ ବିଦେଶ ରାଜ୍ୟ ମନ୍ତ୍ରୀ (ଏମଓଏସ) ଶ୍ରୀ ଭି. ମୁରଲିଧରନ ଭିଡିଓ କନ୍‌ଫରେନ୍‌ସ ଜରିଆରେ ପାସପୋର୍ଟ ଅଧିକାରୀମାନଙ୍କୁ ସମ୍ବୋଧିତ କଲେ।

ନିଜର ଭାଷଣରେ, ବିଦେଶ ମନ୍ତ୍ରୀ କହିଲେ ଯେ ପ୍ରଚଳିତ ସରକାରଙ୍କ ଗତ ଛଅ ବର୍ଷ ମଧ୍ୟରେ ପାସପୋର୍ଟ ବିତରଣ ପ୍ରଣାଳୀରେ ସମ୍ପୂର୍ଣ୍ଣର୍ ଭାବରେ ପରିବର୍ତ୍ତନ ହୋଇଛି। 2019 ସମୟରେ ଭାରତ ଏବଂ ବିଦେଶରେ ପାସପୋର୍ଟ ଜାରୀ କରୁଥିବା ପ୍ରାଧିକରଣ (ପିଆଇଏ) 1.22 କୋଟିରୁ ଅଧିକ ପାସପୋର୍ଟ ଜରି କରିଛନ୍ତି। ଦେଶରେ ସମୁଦାୟ 517 ଟି ପାସପୋର୍ଟ କେନ୍ଦ୍ର କାର୍ଯ୍ୟ କରୁଅଛି ଯେଉଁଥିରେ 93 ଟି ପାସପୋର୍ଟ ସେବା କେନ୍ଦ୍ର (ପିଏସକେ) ଓ 424 ଟି ଡାକଘର ପାସପୋର୍ଟ ସେବା କେନ୍ଦ୍ର (ପିଓପିଏସକେ) ସାମିଲ୍ ରହିଛି। ସେମାନେ ଉଲ୍ଲେଖ କଲେ ଯେ ଦେଶରେ ଅଧିକ ପିଓପିଏସକେ ଖୋଲି କରି ପାସପୋର୍ଟ ସେବାକୁ ଲୋକମାନଙ୍କ ନିକଟକୁ ପହଞ୍ଚାଇବାର ପ୍ରୟାସକୁ ଆଗେଇ ନେବା ପାଇଁ ଏବଂ ବିଦେଶ ମନ୍ତ୍ରଣାଳୟ ଅଧିକ ଧ୍ୟାନ ପ୍ରଦାନ କରିବ। ବିଶ୍ବ ଆଉଟରିଚ୍ ଅଭ୍ୟାସର ଏକ ଭାଗ ରୂପେ ବିଦେଶ ମନ୍ତ୍ରଣାଳୟ ବିଦେଶରେ 70 ମିଶନ ଏବଂ ପୋଷ୍ଟକୁ ପାସପୋର୍ଟ ଜାରି କରିବା ପ୍ରଣାଳୀକୁ ଏକିକୃତ କରିଛନ୍ତି, ଯାହାକି ବିଦେଶରେ 95 ପ୍ରତିଶତରୁ ଅଧିକ ପାସପୋର୍ଟ ଜାରି କରିଥାନ୍ତି। ସେ କହିଥିଲେ ଯେ ପାସପୋର୍ଟ କରିବାର ନିୟମ ଏବଂ ପ୍ରକ୍ରିୟାକୁ ସରଳ କରିବା ପାଇଁ ପ୍ରୟାସ ଜାରି ରହିବା ଆବଶ୍ୟକ। ଏହା ବ୍ୟତୀତ ଆଧୁନିକ ବୈଷୟିକତାର ଉପଯୋଗ କରି ଲାଭ ଉଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍। ଏମପାସପୋର୍ଟ ପୁଲିସ୍ ଏବଂ ଏମପାସପୋର୍ଟ ସେବା ଆପ୍‌ସ ପ୍ରଣାଳୀକୁ ସୁଧାରିଛନ୍ତି ଏବଂ ଗ୍ରାହକଙ୍କର ସନ୍ତୋଷତାରେ ବୃଦ୍ଧି ଆଣିଛନ୍ତି। ଇ-ପାସପୋର୍ଟର ଉତ୍ପାଦନ ଏହି ସମ୍ବନ୍ଧରେ ଆଉ ଏକ ଗୁରୁତ୍ବପୂର୍ଣ୍ଣ ପଦକ୍ଷେପ ଅଟେ।

ନିଜର ସମ୍ବୋଧନରେ ଏମଓଏସ୍ ଆମର ନାଗରିକମାନଙ୍କ ଲାଭ ପାଇଁ ପାରଦର୍ଶୀ ଏବଂ କୁଶଳ ପାସପୋର୍ଟ ବିତରଣ ପ୍ରଣାଳୀ ସୁନିଶ୍ଚିତ କରିବା ପାଇଁ ଭାରତ ଏବଂ ବିଦେଶରେ କାମ କରୁଥିବା ସମସ୍ତ ପିଆଇଏ ମାନଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ସେ ଏହା ମଧ୍ୟ କହିଲେ ଯେ ଏକ ସୁଦୃଢ଼ ଅଭିଯୋଗ ନିବାରଣ ପ୍ରଣାଳୀ, ଯେଉଁଥିରେ ସିପିଜିଆରଏଏମ୍‌ଏସ୍ ରେ ନିଜର ଦକ୍ଷତା ପାଇଁ ଜଣାଶୁଣା, ତାହା ଆମର ସେବାର ବିତରଣକୁ ଆହୁରି ଉନ୍ନତ କରିପାରିଛି।

ସର୍ବଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ପାସପୋର୍ଟ କାର୍ଯ୍ୟାଳୟ ଏବଂ ସେବା ପ୍ରଦାତା କର୍ମଚାରୀମାନଙ୍କୁ ପାସପୋର୍ଟ ସେବା ପୁରସ୍କାର ଘୋଷିତ କରାଯାଇଛି। ଯେହେତୁ ପୋଲିସ୍ ଯାଞ୍ଚ ପାସପୋର୍ଟ ଜାରି ପ୍ରକ୍ରିୟାର ଏକ ମହତ୍ୱପୂର୍ଣ୍ଣ ଉପାଦାନ ଅଟେ ସେଥିପାଇଁ ପୁଲିସ ଦ୍ବାରା ତୁରନ୍ତ ମଞ୍ଜୁରୀପ ପ୍ରଦାନ କରିବାର ପ୍ରୟାସ ପାଇଁ ପୁଲିସ ବିଭାଗର ବିଶେଷ ଭାବରେ ଉଲ୍ଲେଖ କରାଯାଇଥିଲା।

ନୂଆ ଦିଲ୍ଲୀ
ଜୁନ୍ 24, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.